CS (MAIN) EXAM, 2011

Serial No. F–DTN–L–SAD–O

# ORIYA

## (Compulsory)

*Time Allowed : Three Hours* | *Maximum Marks : 300*

## INSTRUCTIONS

*Candidates should attempt **ALL** questions.*
*The number of marks carried by each question is indicated at the end of the question.*
*Answers must be written in **Oriya**, unless otherwise directed.*
*Prescribed word-limit must be followed for Q. No. **3**. The precis must be attempted **only** on the special precis sheets attached to this question paper. These precis sheets are to be carefully detached from the question paper and securely attached to the answer book.*

1. ନିମ୍ନୋକ୍ତ ଗୋଟିଏ ବିଷୟରେ ପ୍ରାୟ 300 ଶବ୍ଦ ମଧ୍ୟରେ ପ୍ରବନ୍ଧ ଲେଖ : 100

(i) ରାଜନୀତି ଏବଂ ବ୍ୟକ୍ତିଗତ ନୈତିକତାର ପରିଣାମ ।

(ii) ଧର୍ମ ଅଥବା ବିଜ୍ଞାନ – କେଉଁଟି ସାମାଜିକ ପ୍ରଗତିର ମୁଖ୍ୟ ପ୍ରସ୍ତାବକ ?

(iii) ସମସ୍ତଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା : ଆମ ଗଣତାନ୍ତ୍ରିକ ବ୍ୟବସ୍ଥାର ଆହ୍ୱାନ ।

(iv) ଦ୍ରୁତ-ସଂସ୍କୃତି ଚଞ୍ଚଳତା ଓ ଅପରାଧିତାକୁ ଜନ୍ମ ଦେଇଥାଏ ।

(v) ମାନବ ମସ୍ତିଷ୍କର ଏକ ପରିବର୍ତ୍ତିତ ଧାରା ଭାବରେ କୃତ୍ରିମ ବୋଧଶକ୍ତି ।

2. ନିମ୍ନ ପରିଚ୍ଛେଦଟି ଭଲ ଭାବରେ ପାଠ କରି ଶେଷରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ସରଳ ଭାଷାରେ ଦିଅ । 6×10=60

ଆମେ ଔଦ୍ୟୋଗିକରଣର ଦ୍ରୁତ ଧାରାରେ ଗତି କରୁଥିବା ଯୋଗୁଁ ଅଧିକ ସଂଖ୍ୟାରେ କଳକାରଖାନାରେ ନିଯୁକ୍ତି ଦେଉଛନ୍ତି । ଭାରତରେ ସମ୍ଭବତଃ ଏକ ପ୍ରକାରର ଧାରଣା ସୃଷ୍ଟି ହୋଇଛି ଯେ, ତୁମେ ଯେଉଁ ଚାକିରୀ ପାଇଁ ଆବେଦନ କରୁଛ, ତା ସଂପର୍କରେ କ'ଣ ଜାଣିଛ ତା'ର ବିଶେଷ ପ୍ରୟୋଜନ ନାହିଁ, ବରଂ କାହାର ସାହାଯ୍ୟ ପାଇ ଚାକିରୀ ମିଳିପାରିବ ତାହା ଅଧିକ ଜାଣିବା ଆବଶ୍ୟକ । ଲୋକମାନେ ଜାଣି ପାରନ୍ତି ନାହିଁ ଯେ ଉତ୍ତମ ଫଳ ପାଇବାକୁ ହେଲେ ସବୁଠାରୁ ଅଧିକ ଜରୁରୀ ଜଣକର ଯୋଗ୍ୟତା । ଆମ ଶିକ୍ଷାରେ ଉତ୍କର୍ଷ ଉତ୍ପାଦନର କିଛି ଆବଶ୍ୟକତା ରହିଛି । ଯେଉଁଠାରେ ଉତ୍କର୍ଷ ଉତ୍ପାଦନର ମହତ୍ତ୍ୱ ନାହିଁ, ସେ କ୍ଷେତ୍ରରେ ଯୋଗ୍ୟତା ପ୍ରତି ଅସମ୍ମାନ ହୋଇଥାଏ । ଗୋଟିଏ ପକ୍ଷରେ ଏହା ଆମ ଶିକ୍ଷା ବ୍ୟବସ୍ଥାର ମାନ ହ୍ରାସ କରିଥାଏ ଏବଂ ଅନ୍ୟ ପକ୍ଷରେ ଆମର ସାମାଜିକ ଶିକ୍ଷାର ବିକାଶ ନିମନ୍ତେ ଏକ ଆନ୍ଦୋଳନ ସୃଷ୍ଟି କରିବାର ଆଗ୍ରହ ପ୍ରକାଶ ପାଇଥାଏ ।

ଯେତେବେଳେ ଗୋଟିଏ ପୋଲ ବା ରାସ୍ତା ତିଆରି କରାଯାଇଥାଏ, ସେତେବେଳେ କେଉଁ ପରିମାଣରେ ବାଲି, ସିମେଣ୍ଟ ଓ ଗୋଡ଼ି ଦେଇ ମସଲା ତିଆରି କରାଯିବ, ତାହା ସ୍ଥିର କରାଯାଇଥାଏ; ଯାହା ବଳରେ ସେଗୁଡ଼ିକ ଶକ୍ତ ହୋଇପାରିବ ଏବଂ ଦୀର୍ଘ ଦିନ ପର୍ଯ୍ୟନ୍ତ ରହିପାରିବ । କିନ୍ତୁ ଆମର ଅନୁଭୂତି ଓ ସଂପର୍କରେ ଅଧଃପତନର କଥା କହେ । ଫଳରେ କେତେ ବନ୍ଧରେ ଫାଟ ସୃଷ୍ଟି ହେବା ଏବଂ ବର୍ଷାରେ ରାସ୍ତା ଧୋଇ ହୋଇ ଯାଇଥିବା କଥା ଶୁଣୁ ।

ଏହା କେବଳ ବସ୍ତୁର ଉତ୍କର୍ଷତା ନିୟନ୍ତ୍ରଣ କଥା ନୁହେଁ, ଏହା ଜନସମାଜ ଏବଂ ସେମାନଙ୍କର ଦାୟୀତ୍ୱବୋଧତା ସଂପର୍କରେ ଗୁରୁତ୍ୱ ଦେଇଥାଏ ।

ଦୁର୍ଭାଗ୍ୟବଶତଃ ଆମର ଗଣତାନ୍ତ୍ରିକ ବ୍ୟବସ୍ଥା ଏପରି ପରିସ୍ଥିତି ସୃଷ୍ଟି କରିଥାଏ, ଯାହା ଦ୍ୱାରା ଯୋଗ୍ୟତା ରୀତିସଂଗତ ଉପେକ୍ଷା କରିବାର ନମୁନା ମିଳେ ଏବଂ ଲୋକମାନେ କହିବାର ଶୁଣାଯାଏ ଯେ ଏ ଦେଶରେ ଯୋଗ୍ୟତାର କୌଣସି ମୂଲ୍ୟ ନାହିଁ । ଏହା ଏପରି ଏକ ଧାରଣା ସୃଷ୍ଟି କରିଥାଏ ଯେ, ଯୋଗ୍ୟତାକୁ ସମ୍ମାନ ନଦେଇ ମଧ୍ୟ ସରକାରୀ କାର୍ଯ୍ୟାଳୟରେ ପଦବୀ ଲାଭ କରାଯାଇପାରେ । ଯୋଗ୍ୟତା, ଦକ୍ଷତା ତଥା ନୈତିକ ସଂଗତିକୁ ଉପଯୁକ୍ତ ସମ୍ମାନ ନଦେଇ ଜନସାଧାରଣଙ୍କ ସହିତ ବ୍ୟବସାୟ କରାଯାଇପାରେ ।

(i) ଏଦେଶର ଲୋକେ କେଉଁ ଉପାୟରେ ଚାକିରୀ ପାଇବା କଥା ଚିନ୍ତା କରିଥାନ୍ତି?



(Contd.)

(ii) ଆମେ କେତେବେଳେ ଯୋଗ୍ୟତା ପ୍ରତି ସମ୍ମାନ ହରେଇଥାଉଁ ?

(iii) ଯୋଗ୍ୟତାକୁ ଅସମ୍ମାନ କରିବାର କୁପରିଣତି କ'ଣ ?

(iv) ଜନସାଧାରଣଙ୍କର ଦାୟୀତ୍ୱବୋଧତା ପ୍ରତି ସମ୍ମାନ କମିଗଲେ କ'ଣ ହୁଏ ?

(v) ଯୋଗ୍ୟତା, ଦକ୍ଷତା ଏବଂ ନୈତିକ ସଂଗତିକୁ ଉପେକ୍ଷା କରିବାର କାରଣ କ'ଣ ?

(vi) ଅନୁଚ୍ଛେଦଟିରେ ଥିବା ରେଖାଙ୍କିତ ମନ୍ତବ୍ୟଗୁଡ଼ିର ବ୍ୟାଖ୍ୟା କର ।

3. ନିମ୍ନ ପରିଚ୍ଛେଦଟିରେ ସଂକ୍ଷିପ୍ତସାର ପ୍ରାୟ 190–210 ଶବ୍ଦ ମଧ୍ୟରେ ଲେଖ । ସଂକ୍ଷିପ୍ତସାରକୁ ଏଥି ନିମନ୍ତେ ଦିଆଯାଇଥିବା ସ୍ୱତନ୍ତ୍ର ପୃଷ୍ଠାରେ ଲେଖିବାକୁ ହେବ । ନିର୍ଦ୍ଧାରିତ ସଂଖ୍ୟକ ଶବ୍ଦରେ ନଲେଖିଲେ ମୂଲ୍ୟାଙ୍କ ବିଯୁକ୍ତ ହେବ । <u>ସଂକ୍ଷିପ୍ତସାର 150ରୁ କମ୍ ସଂଖ୍ୟାରେ କିମ୍ବା 250ରୁ ବେଶୀ ସଂଖ୍ୟାରେ ଲେଖିଲେ ଏହାର ମୂଲ୍ୟାଙ୍କନ କରାଯିବ ନାହିଁ ।</u>

60

ମୋର ପିତା ରାଜସ୍ଥାନିକ ଦରବାରରେ ଏକ ସଭ୍ୟ ରୂପେ ଯୋଗ ଦେବା ନିମନ୍ତେ ପୋରବନ୍ଦର ଛାଡ଼ି ରାଜକୋଟ୍ ଯିବା ବେଳକୁ ମୋର ବୟସ ପ୍ରାୟ ସାତ ବର୍ଷ ହେବ । ସେଠାରେ ମୁଁ ଏକ ପ୍ରାଥମିକ ବିଦ୍ୟାଳୟରେ ଭର୍ତ୍ତି ହେଲି । ସେଦିନର କଥା ତଥା ମୋତେ ପାଠ ପଢ଼େଇଥିବା ଶିକ୍ଷକ ଆଉ ତାଙ୍କ ବିଷୟରେ ଅନେକ କଥା ମୁଁ ଏବେ ମଧ୍ୟ ଭଲ ଭାବରେ ମନେ ପକେଇପାରେ । ପୋରବନ୍ଦର ଭଳି ଏଠାରେ ମଧ୍ୟ ମୋ ପାଠ ପଢ଼ା ବିଷୟରେ



(Contd.)

ପୋରବନ୍ଦର ଭଳି ଏଠାରେ ମଧ୍ୟ ମୋ ପାଠ ପଢ଼ା ବିଷୟରେ ଅନେକ କଥା କହିବାର ଅଛି । ମୁଁ ଜଣେ ସାଧାରଣ ଛାତ୍ର ଥିଲି । ଏହି ବିଦ୍ୟାଳୟରୁ ମୁଁ ସୁବୁରବନ୍ ବିଦ୍ୟାଳୟକୁ ଏବଂ ପରେ (ମୋତେ ବାର ବର୍ଷ ବୟସ ହୋଇଯାଇଥିବାରୁ) ଉଚ୍ଚ ବିଦ୍ୟାଳୟକୁ ଗଲି । ଏହି ଅଳ୍ପ ଦିନ ମଧ୍ୟରେ ମୁଁ କେବେ ଯେ ମୋର ଶିକ୍ଷକ କିମ୍ବା ସହପାଠୀଙ୍କ ନିକଟରେ ମିଛ କହିଛି, ତା ମୋର ମନେ ନାହିଁ । ମୁଁ ଖୁବ ଲାଜକୁଳା ଥିଲି ଆଉ କାହା ସାଂଗରେ ସାଂଗ ହେଉନଥିଲି । ମୋର ପୁସ୍ତକ ଏବଂ ତହିଁର ପାଠ୍ୟାଂଶହିଁ କେବଳ ମୋର ସାଥୀ ଥିଲେ । ଉପଯୁକ୍ତ ସମୟରେ ବିଦ୍ୟାଳୟରେ ପହଞ୍ଚିବା ଏବଂ ଛୁଟି ହେବା ମାତ୍ରେ ଘରକୁ ଦୌଡ଼ିବା ମୋର ପ୍ରତିଦିନର ଅଭ୍ୟାସ ଥିଲା । ମୁଁ ବାସ୍ତବରେ ଘରକୁ ଦୌଡୁଥିଲି, କାରଣ ମୁଁ କାହା ସହିତ କଥାବାର୍ତ୍ତା କରି ପାରୁନଥିଲି । ମୁଁ ଡରୁଥିଲି କାଳେ କିଏ ମୋତେ ଥଟ୍ଟା ପରିହାସ କରିବ ।

ମୁଁ ଉଚ୍ଚ ଶିକ୍ଷାଳୟରେ ପଢୁଥିବା ସମୟରେ ଏପରି ଏକ ଘଟଣା ଘଟିଥିଲା ଯାହା ଉଲ୍ଲେଖଯୋଗ୍ୟ । ଦିନେ ଶିକ୍ଷା ପରିଦର୍ଶକ ମିଃ ଗିଲ୍ସ ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ । ବନାନ ଅନୁଶୀଳନୀ ଭାବରେ ସେ ଆମକୁ ପାଞ୍ଚଟି ଶବ୍ଦ ଲେଖିବାକୁ କହିଥିଲେ । ସେଥିମଧ୍ୟରୁ ଗୋଟିଏ ଶବ୍ଦ 'Kettle' । ମୁଁ ତାର ବନାନ ଭୁଲ୍ ଲେଖିଥିଲି । ଏହା ଦେଖି ମୋ ଶିକ୍ଷକ ତାଙ୍କ ଯୋତାରେ ମୋର ଗୋଡ଼କୁ କେଞ୍ଚିଦେଇ ଇସାରା ଦେଇଥିଲେ । କିନ୍ତୁ ମୁଁ ତାଙ୍କର ଏ ଇସାରାକୁ ଗ୍ରହଣ କରିନଥିଲି । ମୋର ସହପାଠୀର ସ୍ଲେଟ୍ ଦେଖି ନକଲ କରିବା କଥା ମୁଁ ସହଜରେ ଗ୍ରହଣ କରିପାରିନଥିଲି । ସେତେବେଳେ ମୁଁ



(Contd.)

ଚିନ୍ତା କଲି ଯେ ଯେଉଁ ଶିକ୍ଷକ ଜଣକ ଆମକୁ ନକଲ କରିବାରୁ ନିବୃତ୍ତ ରଖିବା ପାଇଁ ନିଯୁକ୍ତି ହୋଇଥିଲେ, ସେ ପୁଣି ଏପ୍ରକାରର ଇଙ୍ଗିତ ଦେଉଛନ୍ତି କିପରି ? ଫଳରେ ମୋ ବ୍ୟତୀତ ପ୍ରାୟ ସମସ୍ତ ପିଲା ଶବ୍ଦଟିର ସଠିକ୍ ବନାନ ଲେଖିପାରିଥିଲେ । କେବଳ ମୁଁ ହିଁ ନିର୍ବୋଧ ଥିଲି । ପରେ ମୋ ଶିକ୍ଷକ ମୋର ଏ ନିର୍ବୋଧତା ବିଷୟରେ ଆମ ଘରେ ଆଲୋଚନା କରିଥିଲେ । କିନ୍ତୁ କିଛି ଫଳ ହୋଇନଥିଲା । ମୁଁ କେବେହେଲେ ନକଲ କରିବାର କଳା ଶିଖି ପାରିନଥିଲି, ବରଂ ସେ ଘଟଣା ମୋର ଶିକ୍ଷକଙ୍କ ପ୍ରତି ସମ୍ମାନ କମେଇ ଦେଇଥିଲା । ମୋର ଗୁଣ ହେଲା ଅନ୍ୟର ଦୋଷ ଦେଖିଲେ ଆଖି ବୁଜିଦେବା । ପରେ ସେ ଶିକ୍ଷକଙ୍କର ଅନେକ ଦୋଷତ୍ରୁଟି ସଂପର୍କରେ ଜାଣିବାକୁ ପାଇଲି । କିନ୍ତୁ ମୋର ତାଙ୍କ ପ୍ରତି ସମ୍ମାନ ପୂର୍ବ ଭଳି ରହିଥିଲା । ମୁଁ କେବଳ ଗୁରୁଜନଙ୍କର ଆଦେଶ ମାନିବା କଥା ଶିଖିଛି ସେମାନଙ୍କର କର୍ମର ସମାଲୋଚନା କରିବା ନୁହେଁ ।

ସେ ସମୟର ଆଉ ଦୁଇଟି କଥା ମୋର ସର୍ବଦା ମନେ ପଡ଼େ । ପଢ଼ା ବହି ବ୍ୟତୀତ ମୋର ଆଉ କିଛି ପଢ଼ିବାରେ ଆଗ୍ରହ ନଥିଲା । ପ୍ରତ୍ୟେକ ଦିନର ପଢ଼ା ମୋତେ ସେଇଦିନ ଶେଷ କରିବାକୁ ପଡୁଥାଏ । ଏହାର କାରଣ ହେଲା ମୁଁ ଶିକ୍ଷକଙ୍କ ଦ୍ୱାରା ଦଣ୍ଡିତ ହେବାକୁ ଘୃଣା କରୁଥିଲି ଠିକ୍ ସେହିପରି ମୁଁ ତାଙ୍କୁ ଠକିବାକୁ ମଧ୍ୟ ଘୃଣା କରୁଥିଲି । ତେଣୁ ଅନେକ ସମୟରେ ମୋର ମନ ନଥାଇ ମଧ୍ୟ ପଢ଼ା କାମ ଶେଷ କରି ଦେଉଥିଲି । ଅଧ୍ୟାୟଗୁଡ଼ିକ ଶେଷ ହେବା ପରେ ମୋତେ ଆଉ ଅଧିକ କିଛି ପଢ଼ିବାକୁ ପଡୁନଥିଲା । ଥରେ ମୋର ପିତା କିଣିଥିବା ଏକ ପୁସ୍ତକ ଉପରେ ମୋର ନଜର ପଡ଼ିଲା ।



(Contd.)

ତାହା ଥିଲା "ଶ୍ରବଣ ପିତୃଭକ୍ତି ନାଟକ" (ପିତାମାତାଙ୍କ ପ୍ରତି ଶ୍ରବଣର ଭକ୍ତି ଉପରେ ଆଧାରିତ ଏକ ନାଟକ) । ମୁଁ ଅନେକ ଆଗ୍ରହର ସହିତ ତା ପଢ଼ିଲି । ସେ ସମୟରେ ଆମ ଘର ପାଖକୁ ଆସିଥିଲେ ଭ୍ରାମ୍ୟମାଣ ଚିତ୍ର ପ୍ରଦର୍ଶନକାରୀ । ସେମାନେ ନେଇ ଆସିଥିବା ଚିତ୍ର ମଧ୍ୟରୁ ଗୋଟିଏ ଚିତ୍ରରେ ମୁଁ ଶ୍ରବଣ କିପରି କାନ୍ଧରେ ଭାର ବୋହି ତାର ଅନ୍ଧ ପିତାମାତାଙ୍କୁ ତୀର୍ଥ କରାଇବାର ଦୃଶ୍ୟ ଦେଖିଥିଲି । ସେ ପୁସ୍ତକ ସହିତ ଚିତ୍ରଟି ମୋ ମନରେ ଅଭୁଲା ଦାଗ ରଖି ଦେଇଗଲା । ସେତେବେଳେ ମୁଁ ନିଜେ ନିଜକୁ କହିଥିଲି, ନକଲ କରିବାର ଏକ ଉଦାହରଣ ଏଠାରେ ରହିଛି । ତାର ସରଳ ତରଳ ନାଦ ମୋତେ ଗଭୀର ଭାବରେ ଭାବବିହ୍ୱଳ କରିପକାଇଥିଲା ଏବଂ ମୁଁ ତାକୁ ମୋ ବାପା ମୋ ପାଇଁ କିଣି ଦେଇଥିବା କନ୍‌ସର୍‌ଟିନୋରେ ବାରମ୍ବାର ଲଗାଇ ଶୁଣୁଥିଲି ।

4. ନିମ୍ନ ପରିଚ୍ଛେଦର ଓଡ଼ିଆ ଅନୁବାଦ କର : 20

Tulasidas's imagery covers a vast range. No poet of medieval period — not even his great contemporary Surdas — can vie with Tulasidas in respect of the infinite variety of imagery employed by him. He has collected his images from peasant life, court life, priestly environments, rural and civic life, philosophical treatises, literary classics, mythological works and folk literature. His poetry is a vast gallery of all kinds of images ranging from exquisite miniature paintings to large frescoes. Normally he likes simple and integrated



(Contd.)

images, but is quite capable of creating complex imagery as well. What he seems to abhor is a truncated image of which we can hardly search out a single example. His whole poetic creation is an endless endeavour to give a concrete tangible form to the abstract — to impart physical charms and mental qualities of human personality to an absolute concept. Actually the very conception of Personified Godhood is a grand exercise in image-making. In this context, what is of special relevance to the modern reader in Tulasidas's art is his unconventional approach to literary-cultural tradition and religion. A number of poets in other Indian languages have also produced great literature in this regard, but Tulasi appears to have surpassed them all.

5. ନିମ୍ନ ପରିଚ୍ଛେଦଟିକୁ ଇଂରେଜୀରେ ଅନୁବାଦ କର : 20

ଏକଥା ସର୍ବବିଦିତ ଯେ ବିଶ୍ୱର ନିର୍ମାଣ, ବିକାଶ ଏବଂ ସଂରକ୍ଷଣ ପ୍ରକୃତି ଉପରେ ନିର୍ଭର କରିଥାଏ ଏବଂ ପ୍ରକୃତିର ସୃଷ୍ଟି ଓ ସଂରକ୍ଷଣରେ ବୃକ୍ଷ–ଲତା, ବନ, ପାଦପ ତଥା ଗୁଳ୍ମର ଅନେକ ଗୁରୁତ୍ୱ ରହିଛି । ବାସ୍ତବରେ ମନୁଷ୍ୟର ଅସ୍ତିତ୍ୱ ବୃକ୍ଷ ଓ ବନ୍ ଉପରେ ନିର୍ଭର୍ କରିଥାଏ । ବୃକ୍ଷ ହିଁ ମାଟିର ରକ୍ଷକ । ସେଗୁଡ଼ିକ ଝଡ଼ ତୋଫାନର ପ୍ରକୋପ ସହ୍ୟ କରି ମାଟିକୁ ରକ୍ଷା କରିଥାନ୍ତି । କେବଳ ବୃକ୍ଷ ହିଁ ପାହାଡ଼ ପର୍ବତର କ୍ଷୟ ରକ୍ଷା କରି ସେଗୁଡ଼ିକୁ ଅକ୍ଷତ ରଖିବାରେ ସହାୟକ ହୋଇଥାଏ । ଜଙ୍ଗଲଗୁଡ଼ିକ ପଶୁ ପକ୍ଷୀଙ୍କୁ ରକ୍ଷା କରିବା ସଂଗେ



(Contd.)

ସଂଗେ ପର୍ଯ୍ୟାବରଣର ସୁରକ୍ଷା କରିଥାନ୍ତି । ଏସମସ୍ତ ମଧ୍ୟ ବର୍ଷାର କାରଣ । ଯେଉଁଠାରେ ଅଧିକ ପରିମାଣରେ ବୃକ୍ଷ ରହିଛି ସେଠାରେ ଅଧିକ ବର୍ଷା ହୁଏ । ସେହିପରି ମରୁଭୂମିଗୁଡ଼ିକ ବର୍ଷା ହରେଇଥାନ୍ତି । ବର୍ଷା ଦ୍ୱାରା ଶସ୍ୟ ଉତ୍ପାଦନ ସମ୍ଭବ ହୋଇଥାଏ ଏବଂ ଶସ୍ୟ ହିଁ ମଣିଷକୁ ଜୀବନ ଦାନ କରିଥାଏ । ପଶୁମାନେ ବିଭିନ୍ନ ପ୍ରକାରର ପତ୍ର ଓ ଘାସ ଖାଇ ଜୀବନ ଧାରଣ କରିଥାନ୍ତି । ଆମେ ବୃକ୍ଷର କାଠ ନେଇ ଜାଳେଣି ପାଇଁ କିମ୍ବା ଗୃହ ନିର୍ମାଣରେ ବ୍ୟବହାର କରିଥାଉ । ବୃକ୍ଷରୁ ସଂଗ୍ରହ କରାଯାଉଥିବା କାଠଗଣ୍ଡ ରେଳରାସ୍ତା, ଜାହାଜ ତଥା ଅନ୍ୟ ଯାନର ନିର୍ମାଣରେ ବ୍ୟବହାର କରାଯାଇଥାଏ । ବୃକ୍ଷ ହିଁ ଔଷଧ, ଅଠା, କାଗଜ, ଦିଆସିଲି କାଠି, ବିଭିନ୍ନ ପ୍ରକାରର ତେଲ ଏବଂ ବିଭିନ୍ନ ରୁଚିପୂର୍ଣ୍ଣ ତଥା ପୁଷ୍ଟିକର ଫଳର ଅନ୍ତଃଶୋଷିତ ଆଧାର । ବୃକ୍ଷର ଛାୟା ଆମକୁ ସୂର୍ଯ୍ୟର ପ୍ରଖର ଉଷ୍ଣତାରୁ ରକ୍ଷା କରି ଆରାମ ପ୍ରଦାନ କରିଥାଏ । ଏଗୁଡ଼ିକର ଫୁଲର ବାସ୍ନା ଆମର ମନୁକ ସତେଜ କରି ରଖେ ।

6. (କ) ବିଶେଷ ଅର୍ଥ ଲେଖି ପାଅଟିକୁ ବାକ୍ୟରେ ବ୍ୟବହାର କର ।

5×2=10

(i) ଅଠା କାଠିରେ ପଡ଼ିବା

(ii) କଷ୍ଟ କଲେ କୃଷ୍ଣ ମିଳେ

(iii) ଖଣ୍ଡା ଧାରରେ ଚାଲିବା

(iv) ଅଳ୍ପ ବିଦ୍ୟା ଭୟଙ୍କରୀ

(v) ଆଖୁ କିଆରୀରେ ପଶିବା



(Contd.)

(vi) ନଦେଖିଲା ଓଉ ଛଫଡ଼ା

(vii) ଚୋର ମନ ଚୋର ଗଣ୍ଠିରେ

(viii) ଏକା ମାଘକେ ଶୀତ ଯାଏ ନାହିଁ

(ଖ) ପାଞ୍ଚଯୋଡ଼ା ସମୋଚ୍ଚାରିତ ଶବ୍ଦର ଅର୍ଥ ଲେଖ । 5×1=5

(i) କୁଳ – କୂଳ

(ii) ବଳି – ବଳୀ

(iii) ଚୁଡ଼ା – ଚୂଡ଼ା

(iv) ପୁତ – ପୂତ

(v) ଶିଳ – ଶୀଳ

(vi) ସୁଧ – ଶୁଦ୍ଧ

(vii) ସମ – ଶମ

(viii) ଦୀପ – ଦ୍ୱିପ

(ଗ) ପାଞ୍ଚଟି ଶବ୍ଦର ପ୍ରକୃତି ପ୍ରତ୍ୟୟ ଲେଖି କୃଦନ୍ତ ବା ତଦ୍ଧିତ ପଦ ଚିହ୍ନାଅ : 5×1=5

(i) ମାରଣ

(ii) ସୈନ୍ୟ

(iii) ମହିମା

(iv) ଗତ

(v) ଜାତୀୟ

(vi) ମାନ୍ୟ



(Contd.)

(vii) ମୌଳିକ

(viii) ବାଳକ

(ଘ) ପାଞ୍ଚଟି ଶବ୍ଦର ଭ୍ରମ ସଂଶୋଧନ କର । 5x1=5

(i) ତ୍ରିଭୂଜ

(ii) ଆଶୀଷ

(iii) ଦୂର୍ଗା

(iv) ତୃଟି

(v) ବ୍ୟବହାରିକ

(vi) ଶୀକାର

(vii) ଦିପ୍ତୀ

(viii) ଦ୍ୱନ୍ଦ

(ଙ) ପାଞ୍ଚଟିର ବିପରୀତାର୍ଥକ ଶବ୍ଦ ଲେଖ । 5x1=5

(i) ବିରାଗ

(ii) ଆପଣା

(iii) ଉପକାର

(iv) ପ୍ରାନ୍ତ

(v) ଯୋଗୀ

(vi) ନୀଚ

(vii) ଜାଗ୍ରତ

(viii) ପରୋକ୍ଷ



(Contd.)

(ଚ) ପାଞ୍ଚଟିର ଏକପଦୀକରଣ କର । 5×1=5

(i) ଗୋଠରୁ ଖଣ୍ଡିଆ

(ii) ଯେ ରୁଦ୍ର ସେ ସୁନ୍ଦର

(iii) ସଂଖ୍ୟାରେ ଗରିଷ୍ଠ

(iv) କ୍ଷଣକୁ ମାତ୍ର ସ୍ଥାୟୀ

(v) ଯୁଦ୍ଧରେ ସ୍ଥିର

(vi) କୁ ଆକାର

(vii) ଯାହା ଆବିଳ ନୁହେଁ

(ଛ) ବିଶେଷ୍ୟକୁ ବିଶେଷଣ ଓ ବିଶେଷଣକୁ ବିଶେଷ୍ୟ ପଦରେ ପରିବର୍ତ୍ତନ କର । (ପାଞ୍ଚଟି ଶବ୍ଦ) 5×1=5

(i) ପାଣ୍ଡିତ୍ୟ

(ii) ସାଧୁତା

(iii) ବୃଦ୍ଧ

(iv) ସବୁଜ

(v) ସୁନ୍ଦର

(vi) ଦର୍ଶନ

(vii) ବଳୀୟାନ

(viii) ଦକ୍ଷିଣା

Sr. No. [ ]

**F–DTN–L–SAD–O**

अपना अनुक्रमांक इन पत्रकों पर न लिखें

DO NOT WRITE YOUR ROLL NO. ON THESE SHEETS

# ORIYA
## (Compulsory)

सार लेखन के लिए विशेष पत्रक

**SPECIAL SHEETS FOR PRECIS**

इस पत्रक के दोनों ओर लिखिए। प्रत्येक खण्ड में एक शब्द और प्रत्येक पंक्ति में पांच शब्द लिखिए। अपने उद्धरण में सामान्य रूप से विराम आदि चिन्ह लगाइए और यदि आवश्यक हो तो प्रत्येक पैराग्राफ के अन्त में एक पंक्ति खाली छोड़ते हुए इसे पैराग्राफों में विभक्त कीजिए। यदि चाहें तो उत्तर-पुस्तिका के साधारण कागज पर पहले एक कच्चा प्रारूप तैयार कर सकते हैं। अपनी उत्तर-पुस्तिका दे देने से पहले कच्चे कार्य को आर-पार पंक्ति डालकर काट दिया जाना चाहिए। आप सारपत्रक को अपनी उत्तर-पुस्तिका के अन्दर सुरक्षित रूप से बांध दीजिए।

**Use both sides of this sheet. Write one word in each division and five words in each line. Punctuate your passage in the usual way and divide it into paragraphs, if necessary, leaving a line blank at the end of each paragraph. You may make a rough copy first, if you so wish, on ordinary paper in the answer-book. The rough work should be scored through before you hand over your answer-book. You should fasten the precis sheet securely inside your answer-book.**

| शीर्षक Title | | | | | इस हाशिए में न लिखें Do not write on this margin |
|---|---|---|---|---|---|

[कृ.पृ.उ./P.T.O.]

| | | | | | |
|---|---|---|---|---|---|
| | | | | | 70 |
| | | | | | 80 |
| | | | | | 90 |
| | | | | | 100 |
| | | | | | 110 |
| | | | | | 120 |
| | | | | | 130 |
| | | | | | 140 |
| | | | | | 150 |
| | | | | | 160 |
| | | | | | 170 |
| | | | | | 180 |

| | | | | | |
|---|---|---|---|---|---|
| | | | | | 190 |
| | | | | | 200 |
| | | | | | 210 |
| | | | | | 220 |
| | | | | | 230 |
| | | | | | 240 |
| | | | | | 250 |
| | | | | | 260 |
| | | | | | 270 |
| | | | | | 280 |
| | | | | | 290 |
| | | | | | 300 |